ପ୍ରମେୟ

THE PRAMEYA

14th July, 2019

## ଭୁବନେଶ୍ୱର ଆଇଆଇଟି ଛାତ୍ରଛାତ୍ରୀଙ୍କ ପାଇଁ ଖୁସି ଖବର

# ୧୫ରେ ୨ ହଷ୍ଟେଲ୍‌ର ଉଦ୍‌ଘାଟନ

ଭୁବନେଶ୍ୱର,୧୩।୭(ବ୍ୟୁରୋ): ଭୁବନେଶ୍ୱର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି) ଛାତ୍ରଛାତ୍ରୀଙ୍କ ପାଇଁ ଖୁସି ଖବର। ଆସନ୍ତା ୧୫ ତାରିଖ ଦିନ ୧୦ଟା୩୦ରେ ଆଇଆଇଟିର ଅରଗୁଳସ୍ଥିତ ସ୍ଥାୟୀ କ୍ୟାମ୍ପସ୍‌ରେ ୨ଟି ନୂଆ ହଷ୍ଟେଲର ଉଦ୍‌ଘାଟନ ହେବ। ଗୋଟିଏ ଛାତ୍ରାବାସ ଓ ଅନ୍ୟ ଗୋଟିଏ ଛାତ୍ରୀନିବାସର ଉଦଘାଟନ ହେବ। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଯୋଗ ଦେବେ। ଛାତ୍ରାବାସର ନାମ ବ୍ରହ୍ମପୁତ୍ର ହଲ୍ ଅଫ୍ ରେସିଡେନ୍ସ ରଖାଯାଇଥିବା ବେଳେ ଛାତ୍ରୀନିବାସର ନାମ ଗଙ୍ଗା ହଲ୍ ଅଫ୍ ରେସିଡେନ୍ସ ରଖାଯାଇଛି। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର୍ ରତ୍ନମ୍ ବରଦା ରାଜକୁମାର ସ୍ୱାଗତ ଭାଷଣ ଦେବା ସହିତ ପ୍ରଫେସର ଭି.ଆର୍ ପେଡିରେଡି ଅତିଥି ପରିଚୟ ଦେବେ ବୋଲି ଲୋକ ସମ୍ପର୍କ ଅଧିକାରୀ ଶାଲିନ୍ ଏସ୍ ନାୟାର୍ ସୂଚନା ଦେଇଛନ୍ତି।

### ମୁଖ୍ୟଅତିଥି ଭାବେ ଯୋଗ ଦେବେ ରାଜ୍ୟପାଳ